

୧୯ ବର୍ଷ ● ୧୨୩ଶ ସଂଖ୍ୟା ● ଜୁନ ୨୦୧୯

**ପ୍ରଥମ ପ୍ରସଙ୍ଗ:** ଦାମ୍ପତ୍ୟ ବୃନ୍ତର ଦୁଇଟି କଳି
**ବିଶେଷ ପ୍ରସଙ୍ଗ:** ଏଇଟି ଆମର ରୋଷେଇଘର, ଚାହିଦାରେ ଇ-ଖାଦ୍ୟ
**ଆମ ରୋଷେଇ:** ମହାରାଷ୍ଟ୍ରର ଖାଦ୍ୟ ବିଭବ ଓ ପରଟା ସମ୍ଭାର
**କାଳଜୟୀ:** ରଘୁନାଥ ଦାସ
**ସାହିତ୍ୟ :** ୪ଟି ଗଳ୍ପ, ୪ଟି କବିତା
**ଅଳ୍ପ ଆଳାପ:** ସ୍ୱପ୍ନା ପତି
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ।

## ପ୍ରଥମ ପ୍ରସଙ୍ଗ: ଦାମ୍ପତ୍ୟ ବୃନ୍ତର ଦୁଇଟି କଳି
### ଲେଖିକା: ଇତି ସାମନ୍ତ

ଉତ୍ତମ ଦମ୍ପତି ଭାବରେ ଗୃହସ୍ଥାଶ୍ରମରେ ଆମର ପ୍ରଥମ ଏବଂ ପ୍ରଧାନ କାର୍ଯ୍ୟ ହେଉଛି ଆମେ ଉଭୟେ ପତିପତ୍ନୀ ପ୍ରତ୍ୟେକଟି କାର୍ଯ୍ୟରେ, ପ୍ରତ୍ୟେକଟି କଥାରେ ପରସ୍ପରକୁ ସମ୍ମାନ ଜଣାଇବା ଏବଂ ପରସ୍ପରକୁ ସମ୍ମାନର ସହ ଗ୍ରହଣ କରିବା। ଯେଉଁ କାର୍ଯ୍ୟରେ ଆମ ଉଭୟଙ୍କର ସମ୍ମତି ରହିବ ସେହିଭଳି କାର୍ଯ୍ୟ କରିବା ଉଚିତ ଆମେ! ଏହା ଆମର କର୍ତ୍ତବ୍ୟ ମଧ୍ୟ। ପତିପତ୍ନୀଙ୍କ ମଧ୍ୟରେ ଗଭୀର ସ୍ନେହ, ପ୍ରେମ, ବିଶ୍ୱାସ, ଭରସା, ସମ୍ମାନ, ପରସ୍ପର ପ୍ରତି ସମର୍ପିତ ଭାବ ହିଁ ସୁଖୀ ଦାମ୍ପତ୍ୟର ମୂଳଉତ୍ସ।

## ବିଶେଷ ପ୍ରସଙ୍ଗ: ଏଇଟି ଆମର ରୋଷେଇଘର
### ଲେଖିକା : ପ୍ରବୀଣା ମହାନ୍ତି

ଓଡ଼ିଆ ପରିବାରର ରୋଷେଇଘରର ଅବିକଳ ଦୃଶ୍ୟ। ରାତି ପାହିବା ପୂର୍ବରୁ ରୋଷେଇଘରଟିକୁ ଲିପିପୋଛି ସଫାସୁତୁରା କରିଦିଅନ୍ତି ପରିବାରର ଗୃହଲକ୍ଷ୍ମୀ। ରାତି ପାହିବାଠାରୁ ପୁଣି ରାତି ଅଧ ଯାଏ ରୋଷେଇଘର ଅଥବା ହାଣ୍ଡିଶାଳଟିକୁ ରିଆତି ନ ଥାଏ। ଅନ୍ନପୂର୍ଣ୍ଣାଙ୍କର ଇଲାକା ସେଇଟି, ଯେଉଁଠି ସାରା ପରିବାର ପାଇଁ ଭୋଜନ ପ୍ରସ୍ତୁତ ହୋଇଥାଏ। ସେଇ ରୋଷେଇ ଘର ସମ୍ପର୍କରେ ଏକ ସୁନ୍ଦର ଆଲେଖ୍ୟ।

## ବିଶେଷ ପ୍ରସଙ୍ଗ: ଚାହିଦାରେ ଇ-ଖାଦ୍ୟ
### ଲେଖିକା : ଅମ୍ରିତା ମହାନ୍ତି

ନୂତନ ଜ୍ଞାନକୌଶଳ ଓ ପରିବହନର ସୁବିଧା ଆମ ପାରମ୍ପରିକ ଖାଦ୍ୟ ପରମ୍ପରାରେ ନୂତନ ଏକ ପୃଷ୍ଠା ଯୋଡ଼ି ଦେଲାଣି 'ଇ-ଖାଦ୍ୟ'। ପ୍ରଥମେ ପ୍ରଥମେ ଯୁବବର୍ଗଙ୍କୁ ଅଧିକ ଆକର୍ଷିତ କରୁଥିବା ଏହି ମାଧ୍ୟମଟି ଏବେ ସାନ ପିଲାଠାରୁ ଆରମ୍ଭ କରି ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କାବୁ କରିବାକୁ ବସିଲାଣି। ତେଣୁ, ଏହି ମାଧ୍ୟମରେ ଖାଦ୍ୟ ମଗାଇବାର ଚାହିଦା ଏବେ ବଢ଼ିବାରେ ଲାଗିଛି। ଧୀରେଧୀରେ ଲୋକପ୍ରିୟ ହୋଇଉଠିଥିବା ଏହି ଇ-ଖାଦ୍ୟ କ'ଣ ଓ ଏଥିରେ କ'ଣ ସୁବିଧା ଅସୁବିଧା ରହିଛି ତାକୁ ନେଇ 'କାଦମ୍ବିନୀ'ର ଏକ ଆଲୋଚନା।

## ବିବିଧ ପ୍ରସଙ୍ଗ: ଉପକରଣର ରକ୍ଷଣାବେକ୍ଷଣ

ରୋଷେଇ ଘରେ ବ୍ୟବହୃତ ହୋଇଥାଏ ବିଭିନ୍ନ ପ୍ରକାରର ରୋଷେଇ ଉପକରଣ ଓ ବାସନକୁସନ। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ରୋଷେଇ ଘର ପରିଷ୍କାର ପରିଚ୍ଛନ୍ନ ତଥା ଜୀବାଣୁ ମୁକ୍ତ ହେବା ନିହାତି ଜରୁରୀ। ସେଥିସହ ରୋଷେଇ ଘରେ ବ୍ୟବହୃତ ହେଉଥିବା ରୋଷେଇ ସାଜ ସରଞ୍ଜାମ ତଥା ବାସନକୁସନର ଉପଯୁକ୍ତ ଦେଖାରଖା ତଥା ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। କିପରି ନେବେ ରୋଷେଇ ଘରର ସାଜ ସରଞ୍ଜାମ ଓ ବାସନକୁସନର ଯତ୍ନ? କିପରି ରଖିବେ ଏହାକୁ ପରିଷ୍କାର ପରିଚ୍ଛନ୍ନ? ଏ ସଂପର୍କରେ ଆସନ୍ତୁ ଜାଣିବା।

## ସ୍ୱାସ୍ଥ୍ୟ: ସୁଷମ ଖାଦ୍ୟ କେତେ ଜରୁରୀ
### ଡା: ସରୋଜିନୀ ଷଡ଼ଙ୍ଗୀ

ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ସୁଷମ ଖାଦ୍ୟ ନିହାତି ଜରୁରୀ। ସବୁ ବୟସର ବ୍ୟକ୍ତିଙ୍କ ଲାଗି ଏହାର ଆବଶ୍ୟକତା ରହିଛି। ତେବେ ଏହି ସୁଷମ ଖାଦ୍ୟ କ'ଣ? କେଉଁଠୁ ପାଇବା ଏସବୁ? ଆସନ୍ତୁ ଜାଣିବା ଏହି ସ୍ୱାସ୍ଥ୍ୟାଲେଖ୍ୟରୁ।

## ଆମ ରୋଷେଇ :

'କାଦମ୍ବିନୀ' ବର୍ଷ ସାରା ସମସ୍ତ ସଂଖ୍ୟାରେ ଭିନ୍ନଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଦେବା ସହିତ ବର୍ଷର ଗୋଟିଏ ମାସ ସଂଖ୍ୟାକୁ ପୂରା ରୋଷେଇ ପାଇଁ ନିଜକୁ ସମର୍ପିତ କରିଥାଏ। ସେହି କ୍ରମରେ ଏଥର ମଧ୍ୟ 'କାଦମ୍ବିନୀ' ନିଜକୁ ସଜେଇଛି ଆପଣମାନଙ୍କ ପାଇଁ। ଏହି ପରିପ୍ରେକ୍ଷୀରେ ସୁସଂସ୍କୃତ ଓ ସୁସମୃଦ୍ଧ ରାଜ୍ୟ ମହାରାଷ୍ଟ୍ରର ଖାଦ୍ୟ ବିଭବକୁ ନେଇ ଏଥର 'କାଦମ୍ବିନୀ'ର ଆମ ରୋଷେଇ। ଏଥିରେ ରହିଛି ବିଭିନ୍ନ ସୁସ୍ୱାଦୁ ମରାଠୀ ଖାଦ୍ୟ ଓ ତା'ର ପ୍ରସ୍ତୁତି ପ୍ରଣାଳୀ। - ସମ୍ପାଦିକା

## ପରାଟା ସମ୍ଭାର

ପ୍ରତ୍ୟେକ ଖାଦ୍ୟର ରହିଛି ସ୍ୱାତନ୍ତ୍ୟ। ରହିଛି ମଧ୍ୟ ଚାହିଦା। ସେହିଭଳି ଏକ ଖାଦ୍ୟ ହେଉଛି 'ପରଟା'। ଏହାର ସ୍ୱାତନ୍ତ୍ୟ ଓ ବିବିଧତା ଖାଦ୍ୟ ପ୍ରେମୀଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତେବେ ଆସନ୍ତୁ ଏଥର 'କାଦମ୍ବିନୀ' ପୃଷ୍ଠାରେ ବିଭିନ୍ନ ପ୍ରକାର ପରଟା ପ୍ରସ୍ତୁତି ସମ୍ପର୍କରେ ଜାଣିବା।

## କାଳଜୟୀ:

ରଘୁନାଥ ଦାସ ସାମ୍ୟବାଦୀ ଚେତନାର ଗାଳ୍ପିକ ଓ ବୈପ୍ଲବିକ ଚିନ୍ତାଧାରାର କବି ଭାବରେ ପରିଚିତ। ୧୯୧୯ ମସିହା ଜୁଲାଇ ୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ଷଣ୍ଢପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ରଚନାଗୁଡ଼ିକ ମଧ୍ୟରେ- 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା', 'ପୁନଶ୍ଚ', 'ଉବାଚ' (କବିତା), 'ଝଡ଼', 'ଜଉଘର' (ନାଟକ), 'ପ୍ରେମର ନିକାଶ' (ଉପନ୍ୟାସ), 'ରାଜନୀତି ଆଉ ଆମେ', 'ଅଜବ ଦେଶରେ ଆଲିସ୍' (ଅନୁବାଦ) ଆଦି ପ୍ରସିଦ୍ଧ। ତାଙ୍କ ଗଳ୍ପଗୁଡ଼ିକ ମଧ୍ୟରେ 'ସ୍ୱାହା', 'ମାରୀଚ', 'ଯାତ୍ରାପଥେ', 'ସ୍ୱରାଜ', 'ସଙ୍ଗମ', 'ଗଛ ତୁ କାହିଁକି ମଲୁ' ଓ 'ସବୁଜ ବିପ୍ଳବ' ଆଦି ତାଙ୍କ ବିରଳ ପ୍ରତିଭାର ବାହକ। ସେ ଛଦ୍ମନାମରେ ଲେଖିବାକୁ ବିଶେଷ ପସନ୍ଦ କରୁଥିଲେ। ନିଜ ନାମ ସହିତ ବାଇମନ, ଶୁକଦେବ ଶର୍ମା, ରାଜକିଶୋର, ରବିନ୍ଦ୍ରନାଥ ଦାସ ଆଦି ଛଦ୍ମନାମରେ ତାଙ୍କର ଅନେକ ଲେଖା ପ୍ରକାଶିତ ଏବଂ କିଛି ଅପ୍ରକାଶିତ ମଧ୍ୟ। କିନ୍ତୁ 'ଶ୍ରୀ ଜଟାୟୁ' ଛଦ୍ମନାମରେ ସେ ବେଶୀ ପରିଚିତ। ୧୯୮୪ ମସିହା ନଭେମ୍ବର ମାସ ୯ ତାରିଖରେ ଏହି ପ୍ରତିଭାବାନ୍ ସାରସ୍ୱତ ବ୍ୟକ୍ତିତ୍ୱଙ୍କର ମହାପ୍ରୟାଣ ଘଟିଥିଲା। ଚଳିତ ସଂଖ୍ୟାର 'କାଳଜୟୀ' ପୃଷ୍ଠାରେ ଏହି ମହାନ ସାହିତ୍ୟିକଙ୍କର ଗଳ୍ପ 'ଯାତ୍ରାପଥେ'କୁ ପାଠକମାନଙ୍କ ନିମନ୍ତେ ସ୍ଥାନିତ କରୁଛୁ। ଗଳ୍ପଟିକୁ ଆଲୋଚନା କରିଛନ୍ତି ଆଲୋଚକ ବିଜୟ କୁମାର ଶତପଥୀ। ଆସନ୍ତୁ ପଢ଼ିବା। **- ସମ୍ପାଦିକା**

## କ୍ଷୁଧାର 'ଯାତ୍ରାପଥେ'ରେ ଅଶ୍ରୁର ପଦଚିହ୍ନ

### ଲେଖକ: ବିଜୟ କୁମାର ଶତପଥୀ

"ବିପ୍ଳବୀ ସାହିତ୍ୟ ଏକ ଶାଣିତ ହତିଆର ! ଏହା ଜନଗଣଙ୍କୁ ମଦତ୍ ଦିଏ ସ୍ଥିତାବସ୍ଥାର ଛାଉଣୀ ଉପରେ ଚଢ଼ାଉ କରିବାକୁ, ଶତ୍ରୁର ସେନାନୀଙ୍କୁ ସାମ୍ନା କରିବାକୁ, ଗୁଳି ଓ ଆଇନ୍‌କୁ ବେଖାତର କରିବାକୁ, ମୃତ୍ୟୁକୁ ଉପହାସ କରିବାକୁ। ବ୍ୟକ୍ତିଗତ କାମନାର ସିଦ୍ଧିଲାଗି ଯେଉଁମାନେ ଏହାର ପାଞ୍ଚଜନ୍ୟ ଫୁଙ୍କି ଜନଗଣଙ୍କୁ ପ୍ରତାରିତ କରନ୍ତି, ସେଇ ନରାଧମମାନେ ଇତିହାସର ଅକ୍ଷମଣୀୟ ଅପରାଧୀ।" ('ଯେ ଚିତ୍ତ ଚିନ୍ତଇ ଯାହା', ପୁନଶ୍ଚ, ପ୍ରକାଶକ ରଞ୍ଜିତା ଦାସ-୧୯୮୩)।

## ଯାତ୍ରାପଥେ

### ଲେଖକ: ରଘୁନାଥ ଦାସ (ଜଟାୟୁ)

ସନେଇ ପଧାନର କଥାକୁ ଡୁବେଇ ଦେଲା- ସର୍ଦାରର ଗର୍ଜନ। "ଏଠି ଗୋଟାଏ ଫାରସ ନଗେଇଚୁ, ମୋର କିଏ ତମକୁ ଏତେ ନୋଡ଼ି ବୁଲୁଥିବରେ। କାଇଁ, କାଇଁ ଏତେ ସକ ବାହରି ପଡୁଚି। ସେ ତ ଯାଇ ଟଙ୍କା ପଠେଇବ, ଭଲରେ ଚଳିବ, କାନ୍ଦ କଉଥିପେଇଁ ! ଆ, ଆ, ବେଗି - ସେ କିଏ, ତୋ ଝିଅ। ଆସୁଚୁନା ବେଗି।

## ଗଳ୍ପ : ସାକ୍ଷୀ ରହିଯାଏ କଣ୍ଟାତାର

### ଲେଖିକା: ସଂଯୁକ୍ତା ମହାନ୍ତି

ଏବେ ଅନ୍ଧାରରେ ଗୋରୁଗୁଡ଼ିକୁ ଏକାଠି କଲା। ଧୀରେଧୀରେ ଅଡ଼େଇ ନେଲା ସେହି ଆଡ଼କୁ। ଯେଉଁଠି କଣ୍ଟାତାର। ଯାହାକୁ ଛୁଇଁଲେ ଦେଶପ୍ରେମର କରେଣ୍ଟ ତା' ଦେହରେ ଉଲ୍ଲସି ଉଠେ, ସେ ଶୁଣିପାରେ ଏପଟୁ 'ଜନ ଗଣ ମନ ଅଧିନାୟକ ଜୟ ହେ...' ତ ସେପଟୁ 'ଆମାର ସୋନାର ବାଂଲା ଆମି ତୋମାୟେ ଭାଲୋବାସି...'। ହାଃ... ହାଃ...।

## ଗଳ୍ପ : ମନ୍ତ୍ର

### ଲେଖକ: ପ୍ରକାଶ ରଞ୍ଜନ ପରିଡ଼ା

ଦିନରେ ଖାଇବ ପିଇବ କିଛି ନାହିଁ, ଭଲ ମଣିଷ। ରାତି ହେଲେ ସରିଲା କଥା। ଶୋଇବ ତ ମାଡ଼ି ବସିବ ଭୂତ। ପବନ ଜାହିର କରିବ ସ୍ୱାମୀତ୍ୱ। ନିର୍ଦୟ, ନିଷ୍ଠୁର ସହବାସ ପରେ ଓହ୍ଲେଇଯିବ ଦେହରୁ, ତା'ପରେ ନିଦ ଭାଙ୍ଗେ ସଖିର। ଥରୁଥାଏ ଦେହ, ଗମ୍‌ଗମ୍ ହୋଇ ବାହାରୁଥାଏ ଝାଳ। ଦି'ଘଣ୍ଟା ଯାଏ ଉଠି ପାରେନାହିଁ।

## ଗଳ୍ପ : ଡାଆଣୀ

### ଲେଖକ: ଭାଗିରଥୀ ବେହେରା

ମାସକୁ ପାଞ୍ଚହଜାର ଦରମା ପାଉଥିବା ପିଅନ ମାଧବ ପ୍ରେତ ବାହାର କରିବାକୁ ପାଞ୍ଚହଜାର କାହିଁକି ଦେବ ? ପୁଣି ସେ ତ ଭୂତଫୁତ ଅନ୍ଧବିଶ୍ୱାସକୁ ମାନେନା। ସେ ଜୋର ଦେଇ କହିଲା, "ମୁଁ ଆଜିକା ଯୁଗର ପାଠପଢ଼ା ପିଲା। ଏ ସବୁ ମାନେନା। ଡାକ୍ତର କହିବା ଅନୁସାରେ ପେଟରେ ପାଣି ବେଶୀ ଜମିଯିବାରୁ ପିଲାଟା ମରିଗଲା।

## ଗଳ୍ପ : ମୁଠାଏ ଅଭିମାନ

## ଲେଖିକା : ଶୁଭଶ୍ରୀ ମହାରଣା

ଅଭିସ୍ବାର ଭୋକଗୁଡ଼ାକ ତାକୁ ତାସଲ୍ୟ କରନ୍ତି। ଡାଇନିଂରେ ଖାଇବା ସେମିତି ବଡ଼ା ହୋଇ ଥୁଆ ହେଇଛି। ପେଟରେ ଭୋକ ଥିଲେ ବି ଭୋଜନଟା ତାକୁ ସ୍ପୃହଣୀୟ ମନେ ହେଉ ନାହିଁ।

## କବିତା

ଏଥର କବିତାରେ ରହିଛି: ବନଜ ଦେବୀଙ୍କ 'ଜହ୍ନରାତିର ଲୁହ', ରତ୍ନପ୍ରଭା ବାଇଙ୍କ 'ପ୍ରଣୟର ପରିଭାଷା', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ତୁମକୁ ଖୋଜିଆଣେ ରାତି' ଏବଂ ନରେଶ୍ ମଣ୍ଡଳଙ୍କ 'ମନେହୁଏ'।

## ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (୨୨)

## ଲେଖିକା : ସୁସ୍ମିତା ବାଗ୍‌ଚୀ

ଫ୍ଲୋରେନ୍‌ସ୍‌କୁ ବିଦାୟ ଦେଇ ଟ୍ରେନ୍‌ରେ ଯିବାବେଳେ ମୁଁ ତୋତେ ଲେଖିଥିଲି ଯେ, ଭେନିସ୍‌ରୁ ଚିଠି ଲେଖିବି ନିଶ୍ଚୟ। କିନ୍ତୁ କଥା ରଖି ପାରିଲି ନାହିଁ। ଭେନିସ୍ ଟ୍ୟାକ୍ସି, ବସ୍, ମେଟ୍ରୋର ସ୍ଥାନ ନୁହଁ। ପ୍ରାୟ ଚାଲିଚାଲି ବୁଲିବାକୁ ହୁଏ। କେନାଲମୟ ସହରରେ ମୋଟରବୋଟ୍‌ର ଅଭାବ ନାହିଁ। ଏତେ ପାହାଚ ଚଢ଼ିବା, ଓହ୍ଲେଇବା ନେଇ ଦୁଇ ଆଣ୍ଠୁ ଆଉ ଦୁଇ ଗୋଡ଼ର ସବୁଦିନ ଭୀଷଣ ପ୍ରତିବାଦ। ଏମିତି କଟିଗଲା ତିନି ଦିନ।

## କାଦମ୍ବିନୀ ପରିକ୍ରମା: ମଇ ସଂଖ୍ୟା ସମ୍ପର୍କରେ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ମଇ ସଂଖ୍ୟାର ରହିଛି ଅନେକ ଭିନ୍ନତା। ସବୁ ସଂଖ୍ୟା ପରି ଏହି ସ୍ୱତନ୍ତ୍ର ସଂଖ୍ୟାଟି ମଧ୍ୟ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଏହି କ୍ରମରେ ମଇ ସଂଖ୍ୟା ସମ୍ପର୍କରେ ଚିତ୍ରଶିଳ୍ପୀ ଓ କଥାଶିଳ୍ପୀ ସଞ୍ଜୟ ଭଟ୍ଟଙ୍କ ଅଭିମତ ଏଠାରେ ସ୍ଥାନିତ କରୁଛୁ।

## ପୁସ୍ତକ ପରିକ୍ରମା:

ଏ ମାସର ପୁସ୍ତକ ପରିକ୍ରମାରେ ଅଛି: ହୃଦୟହୀନ, ପଞ୍ଜୁରୀର ପ୍ରଜାପତି, ସାରଳା ସାହିତ୍ୟ ସମୀକ୍ଷା, ଭାବବିନିମୟ ଓ ଯୋଗାଯୋଗର ଭାଷାମାଧ୍ୟମ, ପରିବେଶ ପଞ୍ଚାମୃତ, ଶ୍ରୀ ଲଛମନ ଉବାଚ, ବିଧାତାର ଚରମ ରସିକତା, ସ୍ମୃତି ସବୁ ରୂପାଜହ, ଜୀବନର ବହୁ ରଙ୍ଗ, ଦ୍ୱିତୀୟ ପୃଥିବୀ, ଉଦୟ ବେଳାରେ, ମୋ କବିତା ହୃଦୟର କଥା ଏବଂ କିଛି ଖରା କିଛି ବର୍ଷା।

## ରାଶିଗଣନା ଓ ତିଥି-ବାର-ବେଳା

ଜୁନ୍ ମାସର ରାଶିଫଳ ସାଙ୍ଗକୁ ଜୁନ୍ ଓ ଜୁଲାଇ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଅଳ୍ପ ଆଳାପ: ସ୍ୱପ୍ନାଞ୍ଜନା ସ୍ୱପ୍ନା

ମଡେଲ୍, ଅଭିନେତ୍ରୀ, ସମାଜସେବୀ, ସଙ୍ଗଠିକା- ଓଡ଼ିଆ ସୁନ୍ଦରୀ ସ୍ୱପ୍ନା ପତି। ବେଶ୍ କେତୋଟି ହିନ୍ଦୀ ଚଳଚ୍ଚିତ୍ରର ପ୍ରମୁଖ ଚରିତ୍ରରେ ଅଭିନୟ କରିସାରିଲେଣି ସ୍ୱପ୍ନା। ଅଭିନୟ ସହିତ ନିଜକୁ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ରଖିବା ସ୍ୱପ୍ନାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପ୍ରମୁଖ ଦିଗ। ଦିବ୍ୟାଙ୍ଗ ଶିଶୁଙ୍କ ଉନ୍ନତି, ବସ୍ତି ଓ ରାସ୍ତାକଡ଼ ପିଲାମାନଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ଗଠିତ 'ସ୍ୱପ୍ନା ପତି ଫାଉଣ୍ଡେସନ୍'ର ସେ ସଂସ୍ଥାପିକା। ଏଥିସହ ଜଣାଶୁଣା 'ହର୍ବାଲ୍ ହୋଲି' କାର୍ଯ୍ୟକ୍ରମର ସେ ସଫଳ ଆୟୋଜିକା। ଚଳିତ ସଂଖ୍ୟା 'କାଦମ୍ବିନୀ'ର ପ୍ରଚ୍ଛଦପୃଷ୍ଠା ମଣ୍ଡନ କରିବା ଅବସରରେ ଆସନ୍ତୁ ଜାଣିବା ପ୍ରତିଭାମୟୀ ସ୍ୱପ୍ନାଞ୍ଜନା ସ୍ୱପ୍ନାଙ୍କ ନିଜ କଥା...। ସାକ୍ଷାତ : କେଦାର ପୃଷ୍ଟି

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠାରେ ଅଛି: ବୈଶାଳୀ, ଟିକେ ଲଭ୍ ଟିକେ ଟ୍ୱିଷ୍ଟ, ଚିର୍‌କୁଟ୍, ଷ୍ଟ୍ରିଟ୍ ଡ୍ୟାନ୍ସର, ଦବଙ୍ଗ-୩ ଏବଂ ସାହୋ।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି: ଆର୍ଟ ଅଫ୍ ଗିଭିଂ, ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ, 'ନୃତ୍ୟାୟନ'ର ବାର୍ଷିକୋତ୍ସବ, ସୁକୁମାରୀ ଅଙ୍ଗେ କଳସୀ... ଏବଂ ଫଟୋ ଜର୍ଣ୍ଣାଲିଷ୍ଟ ଡଟ୍‌କମ୍‌ର ଶ୍ରମିକ ଦିବସ।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।